ଶ୍ରୀ ଜୟ କିଶନ

ବନାମ

ଶ୍ରୀ କେଶବ ରାମ ଏବଂ ଅନ୍ୟମାନେ

ଡିସେମ୍ବର 13, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950 : ଅନୁଚ୍ଛେଦ 136 ।*

*ତଥ୍ୟର ଫଳାଫଳ – ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ହସ୍ତକ୍ଷେପ – ମାମଲାର ତଥ୍ୟ ଉପରେ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ କୌଣସି ବେଆଇନତା ଦ୍ୱାରା ଅସିଦ୍ଧ ହୋଇନାହିଁ – ସ୍ଥାନୀୟ ଆୟୁକ୍ତଙ୍କ ବିବୃତି ଏହାକୁ ସମର୍ଥନ କରେ – ଦର୍ଶାଯାଇଛି, ଏପରି ପରିସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗକୁ ଯିବା ଆବଶ୍ୟକ ନଥିଲା ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 23678/1996 ।

ଆର୍.ଏସ୍.ଏ. ସଂଖ୍ୟା 448/1990ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 8.7.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ମହେନ୍ଦ୍ର ସିଂହ ଏବଂ ଦେବେନ୍ଦ୍ର ସିଂହ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତିଙ୍କ ରାୟରେ ପୃଷ୍ଠା 4 ଏବଂ 5ରେ ଏହିପରି କୁହାଯାଇଛି:

> "ଯେତେବେଳେ ମୋ ସମ୍ମୁଖରେ ଏହି ବିଷୟଟି ଉପରେ ଯୁକ୍ତି କରାଯାଇଥିଲା, ମୁଁ ମତ ଦେଇଥିଲି ଯେ, ତହସିଲଦାର ଏବଂ ରାଜସ୍ୱ ପଟୱାରୀଙ୍କ ଦ୍ୱାରା ଏ ଦିଗରେ ସୁନିର୍ଦ୍ଧାରିତ ପ୍ରକ୍ରିୟା ନିୟମ ଅନୁଯାୟୀ ମାପ ନିଆଯାଇ ନାହିଁ । ଫଳସ୍ୱରୂପ, ପକ୍ଷମାନଙ୍କ ସମ୍ମତିରେ, ମୁଁ ଅନ୍ୟ ଜଣେ ସ୍ଥାନୀୟ ଆୟୁକ୍ତ ଅର୍ଥାତ୍ ତହସିଲଦାର, କସୌଲିଙ୍କୁ ନିଯୁକ୍ତି ଦେବା ପାଇଁ ଏକ ଆଦେଶ ପାରିତ କଲି ଏବଂ ତାଙ୍କୁ ଘଟଣାସ୍ଥଳକୁ ଯାଇ ବିବାଦୀୟ ସ୍ଥାନ ମାପ କରିବା ଏବଂ ବିସ୍ତୃତ ଭାବରେ ଏକ ବିବୃତି ଦାଖଲ କରିବାକୁ କିଛି ନିର୍ଦ୍ଦେଶ ଜାରି କଲି । ଏହି ଆଦେଶ 20 ମଇ, 1996ରେ ପାରିତ କରାଯାଇଥିଲା ଏବଂ ଏହି ରାୟକୁ ସେହି ଆଦେଶର କ୍ରମାନୁବୃତ୍ତି ଭାବରେ ପଢ଼ାଯାଉ, ଏହି ପର୍ଯ୍ୟାୟରେ ଏହା ମଧ୍ୟ ଲକ୍ଷ୍ୟ କରାଯାଇପାରେ ଯେ, ମୋ ସମ୍ମୁଖରେ ପକ୍ଷମାନେ ଅଙ୍ଗୀକାର ଦେଇଥିଲେ ଯେ, ସେମାନେ ସ୍ଥାନୀୟ ଆୟୁକ୍ତଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ବିବୃତିକୁ ପାଳନ କରିବେ ଏବଂ ତାହା ବିରୁଦ୍ଧରେ ଏହି ନ୍ୟାୟାଳୟରେ କୌଣସି ଆପତ୍ତି ଦାଖଲ କରାଯିବ ନାହିଁ । ସ୍ଥାନୀୟ ଆୟୁକ୍ତଙ୍କ ବିବୃତି ଏହି ନ୍ୟାୟାଳୟଙ୍କ ଦ୍ୱାରା ମୁଦବିଆ ଲଫାଫରେ

ଗ୍ରହଣ କରାଯାଇଛି, ଯାହାକୁ ପକ୍ଷମାନଙ୍କ ପାଇଁ ଉପସ୍ଥିତ ବିଜ୍ଞ ଅଧିବକ୍ତାଙ୍କ ଉପସ୍ଥିତିରେ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବିବୃତିକୁ ଏତଦ୍ୱାରା ଇଏକ୍ସ C-1 ଭାବରେ ଚିହ୍ନିତ କରାଯାଇଛି ଏବଂ ଏହା ବିବୃତିର ଅଂଶବିଶେଷ ହେବ ।

ଏହି ବିବୃତିକୁ ଅନୁଧ୍ୟାନ କରି ଉଚ୍ଚ ନ୍ୟାୟାଳୟ ଏହିପରି କହିଛନ୍ତି:

"ବିବୃତିରେ ଏହା ମଧ୍ୟ ଅଛି ଯେ, ଅପିଲକାରୀ-ପ୍ରତିବାଦୀ ତାଙ୍କର ଦାବିର ଯଥାର୍ଥତା ପ୍ରତିପାଦନ କରିବାକୁ ଅସମର୍ଥ ଥିଲେ ଯେ, ବିବାଦୀୟ ସ୍ଥାନରେ ପୁରୁଣା ବିଦ୍ୟମାନ କୋଠା ଥିଲା ଯାହାକୁ ସେ ପଞ୍ଜୀକୃତ ବିକ୍ରି ଦଲିଲ ମାଧ୍ୟମରେ କିଣିଥିବା ଅଭିଯୋଗ କରିଛନ୍ତି । ମାପ ଉପରେ, ଏହା ଦେଖିବାକୁ ମିଳିଛି ଯେ, ପ୍ରତିବାଦୀ ବାଦୀଙ୍କ ଅଧୀନରେ ଥିବା ଏକ ଅଞ୍ଚଳକୁ 0-4 ବିଶ୍ୱା ପର୍ଯ୍ୟନ୍ତ ଜବରଦଖଲ କରିଛନ୍ତି । ଏହି ବିବୃତି ସହିତ ସ୍ଥାନୀୟ ଆୟୁକ୍ତଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନା ଏବଂ ଏଥିରେ ଜବରଦଖଲ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ପକ୍ଷମାନଙ୍କ ଉକ୍ତ ମଧ୍ୟ ସ୍ଥାନୀୟ ଆୟୁକ୍ତଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିଲା ଏବଂ ସେସବୁ ତଥା କ୍ଷେତ୍ର ପୁସ୍ତକ ବିବୃତି ସହିତ ସଂଲଗ୍ନ କରାଯାଇଛି । "

ଉପରୋକ୍ତ ତଥ୍ୟାମ୍ବିତ ସ୍ଥିତି ଆଧାରରେ, ଉଚ୍ଚ ନ୍ୟାୟାଳୟ ଅବଗତ ହୋଇଛନ୍ତି ଯେ, ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତାମତ କୌଣସି ଅବୈଧତା ହେତୁ ଅସିଦ୍ଧ ହୋଇ ନଥିଲା କାରଣ ସେହି ସିଦ୍ଧାନ୍ତକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଆୟୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ବିବୃତି, ଇଏକ୍ସ C- 1 ଦ୍ୱାରା ସିଦ୍ଧ କରାଯାଇଥିଲା । ଏହା ତଥ୍ୟାତ୍ମକ ସ୍ଥିତି ହୋଇଥିବାରୁ, ଆମେ ଏହି ପ୍ରସଙ୍ଗରେ ଅଧିକ ତର୍ଜମା କରିବାକୁ ପ୍ରସ୍ତାବ ଦେଉ ନାହୁଁ ।

ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ